# ମୌଳିକ ସଙ୍ଗୀତ



OR
780
N 153 M

ଶିକ୍ଷାସନ୍ଧାନ
ଭୁବନେଶ୍ୱର

INDIAN INSTITUTE
OF
ADVANCED STUDY
LIBRARY SHIMLA

# ମୌଳିକ ସଙ୍ଗୀତ

ଲୋକନାଥ ନନ୍ଦ
କାଶୀନାଥ ନାୟକ

ଭୁବନେଶ୍ୱର

Library IIAS, Shimla
OR 780 N 153 M
148976

# ମୌଳିକ ସଙ୍ଗୀତ

ଲୋକନାଥ ନନ୍ଦ
କାଶୀନାଥ ନାୟକ

OR
780
N 153 M

ପ୍ରକାଶକ
**ଶିକ୍ଷାସନ୍ଧାନ**
ଏ-୧୨, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ
ଭୁବନେଶ୍ୱର - ୭୫୧୦୦୩

**ନୂତନ ମୁଦ୍ରଣ : ୨୦୦୭**

ମୁଦ୍ରଣ
**ଶିକ୍ଷା ପ୍ରକାଶନୀ**
୨୬୬, ରୋଡ଼ - ୧, ଜଗନ୍ନାଥ ବିହାର
ଭୁବନେଶ୍ୱର - ୭୫୧୦୦୩

**ମୂଲ୍ୟ : ଟ. ୨୦/-**

**Moulika Sangita**

*by*

**Loknath Nanda**
**Kasinath Nayak**

Indian Institute of Advanced Study
Acc. No. 148976
Date 28-10-17
Shimla

*Published by*
**Sikshasandhan**
A-12, Baramunda Housing Board Colony
Bhubaneswar - 751003

**Revised edition : 2007**

*Printed at*
**Siksha Prakashani**
266, Road-1, Jagannath Vihar
Bhubaneswar - 751003

**Price : Rs.20/-**

# କଥାପଦେ ...

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଦୁଇ ପ୍ରବୀଣ ଶିକ୍ଷକ - ଶ୍ରୀ ଲୋକନାଥ ନନ୍ଦ ଓ ଶ୍ରୀ କାଶୀନାଥ ନାୟକଙ୍କ ଦ୍ୱାରା ଲିଖିତ "ମୌଳିକ ସଙ୍ଗୀତ" ଛାତ୍ରଛାତ୍ରୀ ବା ପିଲାମାନଙ୍କ ପାଇଁ ଏକ ଅତି ଉପକାରୀ ପୁସ୍ତକ । ବହୁ ପୂର୍ବରୁ ପ୍ରକାଶିତ ହୋଇଥିଲେ ହେଁ ସଙ୍ଗୀତ ଉପାଦାନଗୁଡ଼ିକର ସବୁଦିନିଆ ଆବେଦନ ଓ ପରିବେଷଣର ସରଳତା ଯୋଗୁଁ ପୁସ୍ତକଟି ଏବେ ବି ପଠନପ୍ରିୟତା ଜାରି ରଖିଛି ।

ଈଶ୍ୱର ବନ୍ଦନାଠାରୁ ଆରମ୍ଭ କରି, ଦେଶ ବନ୍ଦନା, ଜାତି ବନ୍ଦନା, ଖେଳ କୌତୁକ, ଉତ୍ସବାନୁଷ୍ଠାନ, ଉତ୍ତମ ଅଭ୍ୟାସ, ସମାଜ ଜୀବନ, ଜୀବଜନ୍ତୁ ଓ ଗାନ୍ଧୀବାଦୀ ସ୍ୱନିର୍ଭରଶୀଳତାର ସୂତ୍ର ଆଦିକୁ ଆଧାର କରି ଅତି ସହଜ ଢ଼ଙ୍ଗରେ ଲେଖକଦ୍ୱୟ ଗୁଡ଼ିଏ ଚମତ୍କାର ଗୀତ ପିଲାମାନଙ୍କ ହାତକୁ ଟେକି ଦେଇଛନ୍ତି । ପୁଣି ଗୀତଗୁଡ଼ିକ କିପରି ସହଜରେ ବୋଲାଯାଇପାରିବ ସେଥିପାଇଁ ବହିଟିରେ ରାଗ ତଥା ଗାୟନ ରୀତିର ସୂଚନା ପ୍ରଦାନ କରିଛନ୍ତି ।

ବିଦ୍ୟାଭ୍ୟାସର ପ୍ରଥମ ସ୍ତରରେ ଥିବା ପିଲାମାନେ ନିଜ ପରିପାଟ ବିଷୟରେ ଜାଣିବା ଯେମିତି ଜରୁରୀ, ସେମିତି ବି ଆବଶ୍ୟକ ନିଜ ସମ୍ପର୍କରେ ସଚେତନ ହେବା । ନିଜକୁ ସଜାଡ଼ିବାପାଇଁ ଆତ୍ମସଚେତନତା ଠାରୁ ଆଉ ବଡ଼ କଥା କ'ଣ ଅଛି ? ଖେଳ କୌତୁକ ସହ ବିଚାର ବିଶ୍ଳେଷଣର ସୁଯୋଗ ସୃଷ୍ଟିକରିବା ହେଉଛି ପ୍ରାଥମିକସ୍ତରୀୟ ପାଠର ଏକ ମୌଳିକ ଆବଶ୍ୟକତା । ଅତି ସୁନ୍ଦର ଓ ସହଜ ଭାବରେ ଏ ଛୋଟ ବହିଟି ପାଠର ସେ ଆବଶ୍ୟକତାକୁ ସାହିତ୍ୟ ମାଧ୍ୟମରେ ସ୍ଥାନ ଦେଇଛି । ସବୁ ପାଠ ସାହିତ୍ୟ ନୁହେଁ, ଏଠି କିନ୍ତୁ ସାହିତ୍ୟ, ପାଠ ପାଲଟିଛି ସୁନ୍ଦରଭାବରେ ।

ଏ ଛୋଟ ବହିଟିକୁ ପଢ଼ି ସେ ସମ୍ପର୍କରେ ମତ ରଖିବାର ସୁଯୋଗ ମତେ ମିଳିଥିବାରୁ ମୁଁ ଦୁଇ ଲେଖକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

**ଦାଶ ବେନହୁର**

# ସୂଚୀପତ୍ର


| | | |
|---|---|---|
| ୧. | ପ୍ରାର୍ଥନା | ୭ |
| ୨. | ସରସ୍ୱତୀ ବନ୍ଦନା | ୮ |
| ୩. | ପତାକା ବନ୍ଦନା (୧) | ୮ |
| ୪. | ପତାକା ବନ୍ଦନା (୨) | ୯ |
| ୫. | ଖଦୀ ବିଭାଗ | ୧୦ |
| ୬. | ଧୂନକୀ (ଭିଣା) ଗୀତ | ୧୧ |
| ୭. | କପାରୁ ଲୁଗା | ୧୨ |
| ୮. | କୁଆଁର ପୁନିଅ | ୧୩ |
| ୯. | ପୁଞ୍ଚିଖେଳ | ୧୪ |
| ୧୦. | ପହିଲି ରଜ | ୧୬ |
| ୧୧. | ନୂଆ ଦୁନିଆ | ୧୭ |
| ୧୨. | ସଫାଇଗୀତ - ଝାଡୁ | ୧୮ |
| ୧୩. | ସଫା ଗାଁ | ୧୯ |
| ୧୪. | ଗୋଲାମି କରିବି ନାହିଁ | ୨୦ |
| ୧୫. | ସାଇ ପଡ଼ିଶା | ୨୧ |
| ୧୬. | ପ୍ରକୃତି ସ୍ନେହ | ୨୩ |
| ୧୭. | ରାତିର ରାଜା | ୨୩ |
| ୧୮. | କୋଇଲି | ୨୪ |

| | | |
|---|---|---|
| ୧୯. | ବାରମାସୀ ଗୀତ | ୨୫ |
| ୨୦. | ସଦଭ୍ୟାସ | ୨୭ |
| ୨୧. | ଅଗଷ୍ଟ ପନ୍ଦର | ୨୮ |
| ୨୨. | ଇନ୍ଦ୍ରିୟାନୁଭୂତି | ୨୯ |
| ୨୩. | ରଙ୍ଗ | ୩୦ |
| ୨୪. | ଭଲପିଲା | ୩୦ |
| ୨୫. | ଅସ୍ପୃଶ୍ୟତା ନିବାରଣ | ୩୧ |
| ୨୬. | ଗଜାନନ ସ୍ତବ | ୩୨ |
| ୨୭. | ଆମ ଓଡ଼ିଶା | ୩୩ |

# ପ୍ରାର୍ଥନା

## (କଳାକଳେବର କହ୍ନେଇ ବୃତ୍ତେ)

ଦୟାମୟ ବିଶ୍ୱବିହାରୀ ଲୁଚି ରହିଛ କାହିଁ
ନିତି କେତେ ଖୋଜେ ତୁମକୁ ଦେଖା ପାଇବା ପାଇଁ ।
କି ସୁନ୍ଦର ଭୂଇଁ ଗଢ଼ିଛ କରି କେଡ଼େ ଯତନ
ଭାବି ନ ପାରଇ ସେ କଥା ମୋର ଛୋଟିଆ ମନ ।
ନ ଦିଅ ପଛକେ ଦର୍ଶନ ଥରେ ଶୁଣ ଗୁହାରି
ଭଲ ବୁଦ୍ଧି ମୋତେ ବତାଅ ଦୁଃଖେ ନହୁଏଁ ଘାରି ।
ଦେଶହିତ କାମେ ରହିବ ମନ, ଦିଅ ଏ ଜ୍ଞାନ,
ପର ଉପକାର ପାଇଁକି କରେ ଜୀବନ ଦାନ ।
ବିପଦେ ନ ହେବି କାତର ଦିଅ ହୃଦୟେ ବଳ
ସମ୍ପଦେ ନ ଆସୁ ଗରବ ବୁଦ୍ଧି ନ ହେଉ ଖଳ ।
ପର ଦରବକୁ ଗରଳ ସମ ମଣିବା ପାଇଁ
ଦମ୍ଭ ଦିଅ କ୍ଷୁଦ୍ର ହୃଦୟେ ପ୍ରଭୁ ଜଗତସାଇଁ ।
କର ଯୋଡ଼ି ସଦା କରୁଛି ତୁମ ପଦେ ବିନତି
ସବୁବେଳେ ସତ କହିବି ମୋତେ ଦିଅ ସୁମତି ।
ଜୀବ ଥିବା ଯାକେ ତୁମରି ପଦେ ରହୁ ମୋ ମନ
ସବୁ ବିପଦରେ ସହାୟ ହୁଅ ନେଲି ଶରଣ ।

# ସରସ୍ୱତୀ ବନ୍ଦନା

## (ଦାଣ୍ଡରେ ଶୁଭିଲା ରାମକୃଷ୍ଣ-ବୃତ୍ତେ)

ବନ୍ଦୁଛି ମା ବୀଣାପାଣି ଅଭୟ ଚରଣ
ନ ଜାଣଇ କିଛି, ନେଲି ତୋହରି ଶରଣ ।
ଛୋଟ ଶିଶୁ ମୁଁ ଅଜ୍ଞାନ,
ଦୟା ବହି ଦୟାମୟୀ ! ଦିଅ ସଦଜ୍ଞାନ ।
ଦୀପଶିଖା ଅନ୍ଧାରକୁ ଦୂର କଲା ପରି
ଅଜ୍ଞାନ ଅନ୍ଧାର ନାଶ ଜ୍ଞାନ ଦୀପ ଧରି ।
ନ ଜାଣଇ ମୁଁ ବନ୍ଦନା,
ସରଳ ଅନ୍ତର ଭକ୍ତି କର ମାଗୋ ଘେନା ।
ତୋ କୋମଳ କର ସ୍ନେହେ ବୁଲାଇ ମୋ ଶିରେ
ମନ୍ଦ ତଡ଼ିଦିଅ ଯାହା ଅଛି ମୋ ଅନ୍ତରେ ।
ଶିଖେଁ ଭଲ କଥାମାନ
ତୋର ଚରଣେ ଥାଉ ସଦା ମୋର ମନ ପ୍ରାଣ ।

# ପତାକା ବନ୍ଦନା (୧)

ଏଇ ପତାକା ତଳେରେ ଏଇ ପତାକା ତଳେ
ଏଇ ପତାକା ତଳେରେ ଭାଇ ଶାନ୍ତି ମୁକତି ମିଳେ ।
ଏଇ ପତାକା ଗଢ଼ିବା ପାଇଁ ଦେଶର କେତେ ବୀର
ମାଟିରେ ମିଶି ରଖିଲେ ଯଶ ନାହିଁ କଳନା ତାର ।
ସ୍ୱାଧୀନ ଦେଶ ସ୍ୱାଧୀନ ବେଶ ଦେଖିବା ପାଇଁ ଭାଇ

କଇଦି ହେଲେ କେତେଯେ ମଲେ ସଙ୍ଗୀନ ମାଡ଼ ଖାଇ ।
ତିନି ରଙ୍ଗର ବାନା ଆମର ଶିଖାଏ ତିନି କଥା
କହିବା ସତ, କରିବା କାମ, ତେଜିବା କପଟତା ।
ତିନୋଟି ରଙ୍ଗ ଏକାଠି ହୋଇ ଉଡୁଛି ଫରଫର
ଛୁଆଁ ଅଛୁଆଁ ନମାନି ଆମେ କରିବା ଏକ ଘର ।
ଅଶୋକ ଚକ ମଝିରେ ରହି କହୁଛି ଥରି ଥରି
ଅହିଂସା ବଳେ ଜିଣିବ ହୃଦ ବଇରୀ ଯିବ ହାରି ।
ଜାତିର ପ୍ରାଣ, ତୁହି ନିଶାଣ ଯୋଡୁଛୁଁ ବେନି କର
ତୁହି ଆମର ଦିଅଁ ଦେବତା କରୁଛୁ ନମସ୍କାର ।

ଌ୦ଌ

# ପତାକା ବନ୍ଦନା (୨)

ଜାତିବାନା ଏଇ ଆମ ଜାତିବାନା ଏଇ
ଆସ ଭାଇ ଏହା ତଳେ ଠିଆ ହେବା ଯାଇ ।
ତିନିରଙ୍ଗେ ଶୋଭା ପାଇ ଉଡ଼େ ଫରଫର
ମଝିରେ ଅଶୋକ ଚକ ଦିଶେ କି ସୁନ୍ଦର ।
ଆମେ ସବୁ ପୁଅ ଝିଅ ଭାରତ ମାତାର
ଏ ପତାକା ଶିଖାଇଛି, ଏ ଦେଶ ଆମର ।
ବଡ଼ ଛୋଟ ଏହା ତଳେ ସରବେ ସମାନ
ଏ ଦେଶର ସେବା ପାଇଁ ଢ଼ାଳିଦେବା ମନ
ଏକ ମନେ କର କାମ ନ ରହିବ ଭୟ
ଗାଅ ଭାଇ ଭଉଣୀ ହେ ଭାରତର ଜୟ ।

ଌ୦ଌ

# ଖଦୀ ବିଭାଗ

## ଟକଲି ଓ ଅରଟ

ଟକଲିକୁ ନ ମଣ ଛୋଟ
ଟକଲି ଏ ଦେଶ ମୁକତି ବାଟ...
ଟକଲିଟି ଭାଇ କେଡ଼େ ସୁନ୍ଦର
ଗୋଲ ଚିକି ମିକି ଦେହଟି ତାର
ଘିରି ଘିରି ବୁଲି ସୂତା କାଟିଦିଏ
କରେ କେତେ ଚକା ଭଉଁରୀ ନାଟ ।
ଯତନ କରି ମୁଁ ବଳଣା ଧରି
ଟିପେ ବୁଲାଇବି ମୋର ଟକଲି
କି ସୁନ୍ଦର ସୂତା ବାହାରି ପଡ଼ିବ
ନ ହୋଇବ ସରୁ ନ ହେବ ମୋଟ ।
ପ୍ରତିଦିନ କିଛି ସମୟ ମୁହିଁ
ରଖିଥିବି ସୂତା କାଟିବା ପାଇଁ
ହାତକଟା ସୂତା, ହାତ ବୁଣା ଲୁଗା
ହୋଇବ ସୁନ୍ଦର ପଡ଼ିବ ଆଣ୍ଠ ।
ଟକଲି ଅଭ୍ୟାସ ହୋଇବ ଯହୁଁ
ଅରଟରେ ସୂତା କାଟିବି ତହୁଁ
ଅରଟ ଏ ଦେଶ ଲକ୍ଷ୍ମୀ ସାଆନ୍ତାଣୀ
ଅରଟ ଆମର କଳପବଟ ।
ହାତେ କାଟି ତନ୍ତେ ବୁଣି ମୋ ଭାଇ
ଷୋଳହାତ ଶାଢ଼ୀ ନଳେ ପୂରାଇ
ନଳଝୀନ ନାମେ ପାଇ ପରଶଂସା
ଭାଙ୍ଗି ଦେଇଥିଲା ବିଦେଶୀ ଆଣ୍ଠ ।
ମହାତ୍ମା ବଚନ ମାନିବ ଯେବେ
କଣ୍ଟା ନ ବାଜିବ ଗୋଡ଼ରେ ତେବେ

ଅବସର ବେଳେ ବୁଲାଇ ଅରଟ
ଖୋଲିଦେବା ଜାତି ଉନ୍ନତି ବାଟ ।

ଥ୦ଥ

# ଧୂନକୀ (ଭିଣା) ଗୀତ

**ଭାଟିଆରୀ**

ମଧୁରେ ବାଜଇ ମୋର ଭିଣାରେ ସଙ୍ଗୀତ...
ଶୁଣ ହେ ତାହାରି ସ୍ୱର
କି କୋମଳ କି ମଧୁର
ସେ ତ ଅଟେ ମନପ୍ରାଣକିଣାରେ ସଙ୍ଗୀତ ।
ମୁଠିରେ ରଖି ମୁଁ ମୁଠା
ତନ୍ତେ ଦେଇଦେଲେ ଅଠା
କି ସୁନ୍ଦର ଦିଶେ ମୋର ଭିଣାରେ ସଙ୍ଗୀତ ।
ହାତେ ମୁଁ ଗୋଟିଲା ଧରି
ଟଙ୍କାରିଲେ ଥିରି ଥିରି
ବାହାରଇ ସ୍ୱର ପ୍ରାଣଜିଣାରେ ସଙ୍ଗୀତ ।
ସୁନ୍ଦର ମୋର ଏ ଭିଣା
କରେ ତୁଳା କେନା କେନା,
ନାଦ କି ମଧୁର ସତେ ବୀଣାରେ ସଙ୍ଗୀତ ।
କେଉଁ ପୁରୁଷରୁ ଏହା
ମୋ ଦେଶର ଅଟେ ସାହା
ବୁଡ଼ିଲେ ବୁଡ଼ିବ ଭେଳା (ଏକଥା) ଜଣାରେ ସଙ୍ଗୀତ ।

ଥ୦ଥ

# କପାରୁ ଲୁଗା

## ରାଗ - ବଙ୍ଗଳାଶ୍ରୀ

ତୋଳିବି ଗଛରୁ ବାଛି ବାଛି କପା
କରିବି ସଫାଇ ବସି
ରଖି ପଟା ପରେ ବାହାର କରିବି
ମଞ୍ଜି ସଲାଇରେ କଷି ।
ମଞ୍ଜିକଢ଼ା ତୂଳା ଭିଣିବି ଭିଣାରେ
କରି ଟଣ ଟଣ ନାଦ
ଫୁଲି ଫୁଲି ଉଠୁ ଥିବ ଭିଣା ତୂଳା
ଦେହରେ ନ ରଖି ଖାଦ ।
ଭିଣା ତୂଳା କିଛି ପିଢ଼ା ପରେ ଥୋଇ
ଧରି ମୁଁ ବଲଣାକାଠି
ହାତରେ ଗଡ଼ାଇ ସୁନ୍ଦର ବଲଣା
ଥୋଉଥିବି ଗୋଟି ଗୋଟି ।
ସୁଖାସନେ ବସି ତକଲି ନାକରେ
ଲଗାଇବି ମୋ ବଲଣା
ଗୀତ ଗାଇ ଗାଇ ସୂତା କାଟୁଥିବି
ହୋଇବ ମନ ଫୁଲଣା ।
କାଟି ସାରି ସୂତା ଧରିବି ନଟେଇ
ଚାରି ଫୁଟ ମାପ ଯାର
ପୂରା ଏକ ଘେରା ଗୁଡ଼ାଇ ସାରିଲେ
ଗଣିବି ଗୋଟିଏ ତାର ।

ଚାଳିଶ ତାରରେ ଏକ ପାଟି ହେବ
ବାନ୍ଧି ତହିଁ ରଙ୍ଗ ସୂତା
ଷୋଳ ପାଟି ହେଲେ ଗୁଣ୍ଡିଏ ହୋଇବ
ମୋଡ଼ା କରିବାର କଥା ।
କେତେ ଗୁଣ୍ଡି ସୂତା କାଟି ଏହିପରି
ବୁଣାଇବି ମୋ ପୋଷାକ
ପରହାତ ଲୁଗା ପାଇଁ ନ ତକାଇ
ମନରୁ ଛାଡ଼ିବି ଦକ ।

ଌ୦ଌ

# କୁଆଁର ପୂନିଅ

କୁଆଁର ପୂନିଅ ଜହ୍ନ ଗୋ ସଜ ଚମ୍ପକହାର
ଆଜି ରାତି ସାରା ଉଜାଗରେ ରହି
ଖେଳିବାକୁ ହୁଏ ମନ ଗୋ ସଜ ଚମ୍ପକହାର ।
ଚାନ୍ଦ ମୁହଁ ହସ ହସ ଗୋ ସଜ ଚମ୍ପକହାର
ଦେଶହିତ ପାଇଁ ଜୀବନ ଦେବାକୁ
ନୋହିବା ତିଳେ ବିରସ ଗୋ ସଜ ଚମ୍ପକହାର ।
ଚକ ସଙ୍ଗେ ବୁଲେ ପଇ ଗୋ ସଜ ଚମ୍ପକହାର
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ଗୋ ସଜ ଚମ୍ପକହାର ।
ଘରଧନ ପରେ ଦେଇ ଗୋ ସଜ ଚମ୍ପକହାର
ଦାନା କନା ବିନା ଅଶେଷ ଯାତନା
ଆମେ ସିନା ଭୋଗୁଥାଇଁ ଗୋ ସଜ ଚମ୍ପକହାର ।

ତୂଳାରୁ ମଇଳା କାଢ଼ ଗୋ ସଜ ଚମ୍ପକହାର
ହୀରାକୁଦେ ବନ୍ଧ ପଡ଼ିଲେ ଏ ଦେଶ
ଧନମାନେ ହେବ ବଡ଼ ଗୋ ସଜ ଚମ୍ପକହାର ।
ବଉଦ ଘୋଡ଼ାଏ ଜହ୍ନ ଗୋ ସଜ ଚମ୍ପକହାର
ନୂଆ କଥା ହେବ କେତେ ଆମ ଦେଶେ
ଦେଖିବୁ ନୁହ ଉଛନ୍ନ ଗୋ ସଜ ଚମ୍ପକହାର ।
କାଟି ପିନ୍ଧି କୁଟି ଚଳ ଗୋ ସଜ ଚମ୍ପକହାର
ସହି ସମ୍ଭାଳିଲେ ଗଳାରେ ପିନ୍ଧିବୁ
ଦୋସରି ମୁକୁତା ମାଳ ଗୋ ସଜ ଚମ୍ପକହାର ।
ଘରକଳି ଘରେ ଭାଙ୍ଗ ଗୋ ସଜ ଚମ୍ପକହାର
ଅଳପ କଥାରେ ଠିଆ ନୁହ ଗୋଡ଼ -
ଭାଙ୍ଗି ଓକିଲ ଦୁଆରେ ଗୋ ସଜ ଚମ୍ପକହାର ।

୨୦୨

# ପୁଞ୍ଚି ଖେଳ

ଧୋବଲା ଚନ୍ଦ କିରଣ ଗୋ ଫୁଲବଉଲବେଣୀ
ସାଙ୍ଗ ସାଥି ହୋଇ ପୁଞ୍ଚି ଖେଳିବାକୁ
ଉଛନ୍ନ ହେଉଛି ମନ ଗୋ ଫୁଲବଉଲବେଣୀ ।
ଆସ ମୋ ଅଶୋକା କଢ଼ିଗୋ ଫୁଲବଉଲବେଣୀ
ଭାଇ ଆଣିଥିଲେ ସରାଗେ ମୋ ପାଇଁ
ସମଲପୁରିଆ ଶାଢ଼ୀ ଗୋ ଫୁଲବଉଲବେଣୀ ।
ପିତା ଶାଗ କେରି କେରି ଗୋ ଫୁଲବଉଲବେଣୀ ।
ତୋ ଗୋରା ଦେହକୁ ବରମପୁରିଆ
ପାଟଟି ମାନିବ ଭାରି ଗୋ ଫୁଲବଉଲବେଣୀ ।

କାହିଁକି ତୋ ମନ ଉଣା ଗୋ ଫୁଲବଉଲବେଣୀ
କେନ୍ଦୁ ପାଟଣାରୁ                    ଆସିବ ତୋ ପାଇଁ
ସରୁ କସ୍ତା ହାତବୁଣା ଗୋ ଫୁଲବଉଲବେଣୀ ।
ବିଦେଶୀ ଦରବ ତେଜ ଗୋ ଫୁଲବଉଲବେଣୀ
ପୃଥିବୀ ବିଖ୍ୟାତ                    ତାରକଷି ଚିଜ
କଟକୁ ଆଣିବି ଆଜ ଗୋ ଫୁଲବଉଲବେଣୀ ।
କଇଞ୍ଚି କାକୁଡ଼ି ନାଲି ଗୋ ଫୁଲବଉଲବେଣୀ
ଥରେ ଚାଖିଥିଲେ                    ମନେ ରହିଥିବ
ସୋନପୁରି ମୁଗ ଡାଲି ଗୋ ଫୁଲବଉଲବେଣୀ ।
ଗୁଣପୁରୀ ସରୁ ଅନ୍ନ ଗୋ ଫୁଲବଉଲବେଣୀ
ବାଲକାଟି କଂସା                    ଥାଳିରେ ଖାଇବୁ
ବଳୁଅଛି ପରା ମନ ଗୋ ଫୁଲବଉଲବେଣୀ ।
ପିପିଲିର ଛୁଞ୍ଚି କାମ ଗୋ ଫୁଲବଉଲବେଣୀ
ଦିଲ୍ଲୀ ଦରବାରେ                    ଟେକ ରଖିଥିଲା
ଓଡ଼ିଶା ଦରଜୀ ନାମ ଗୋ ଫୁଲବଉଲବେଣୀ ।
ଟାଣକର ତୋର ଛାତି ଗୋ ଫୁଲବଉଲବେଣୀ
ପୂରୁବ ଦିନଟି                    ଅଳପେ ଫେରିବ
କାମ କଲେ ଦିନରାତି ଗୋ ଫୁଲବଉଲବେଣୀ ।

ଯ୦ଯ

# ପହିଲି ରଜ

ଆସିଲା ପହିଲି ରଜ
କାମ ଦାମ ଛାଡ଼ି ହୁଅ ତୁ ସଜ
କରିବା ରଜ ମଉଜ ... ବଉଳ ଗୋ ...
ହେବ ପିଠାପଣା କେତେ
ମନଇଚ୍ଛା ଯିଏ ଖାଇବ ଯେତେ
ସେ କଥା କହିବି କେତେ ... ବଉଳ ଗୋ ...
ଝିପି ଝିପି ଝଡ଼ି ପାଗ
ମୁଢ଼ି ନଡ଼ିଆକୁ ଦକ୍ଷିଣୀ ରାଗ ଲୋ
ପିଆଜ ତହିଁରେ ଭାଗ ... ବଉଳ ଗୋ ...
ଖେଳିବାଟି ଦୋଳି ଖେଳ
ବାଳକ ବାଳିକା ହୋଇବେ ଠୁଳ ଗୋ
ଭୁଲି ସବୁ କଳିଗୋଳ ... ବଉଳ ଗୋ ...
ଆଷାଢ଼େ ରଜ ପାଳନ
ବରଷକେ ରଜ ତିନୋଟି ଦିନ
ଉଚ୍ଛନ୍ନ କରଇ ମନ ... ବଉଳ ଗୋ ...
ପିନ୍ଧି ସର୍ବେ ନୂଆ ବାସ
ଦିଶୁଛନ୍ତି ଆଜି କେଡ଼େ ସରସ ଗୋ
ବଦନୁ ଝରଇ ହସ ... ବଉଳ ଗୋ ...

ଌ୦ଌ

# ନୂଆ ଦୁନିଆ

## (ରାଧା ଧରି ସଖିକର)

ଦେଢ଼ଶ ବରଷ ଧରି
ଶୋଷିଲେ ବିଦେଶୀ ଏଦେଶ ଚିରି
କରିଦେଲେ କେତେ ହତଶିରୀ ମୋ ଭାଇରେ ।
ସିଂହ ହୋଇ ହେଲୁ ଶଶା
ବଡ଼ ହୋଇ ହେଲୁ କି ଲୋକହସା
ଭୁଲିଗଲୁ ତ ଆମ ବେଉସା ମୋ ଭାଇରେ ।
ହିମାଳୟ ଛାତି ଯା'ର
ଗଙ୍ଗା ସିନ୍ଧୁ ପୁଣି ହୃଦୟହାର ଗୋ
ତା'ର ପାଦ ଧୁଅଇ ସାଗର ମୋ ଭାଇରେ ।
ସେ ଦେଶରେ ଖାରବେଳ
ପୁରୁ ଦୁର୍ଗାବତୀ ସିପାହୀ ମେଳ ଗୋ
ଦେଖାଇଲେ ଯୁଦ୍ଧେ କେତେ ଖେଳ ମୋ ଭାଇରେ ।
ଯେ ଦେଶ ସାଧବ ଦଳ
ନାହା ମଙ୍ଗେ ଚିରି ଦରିଆ ଜଳ ଗୋ
ଆଣୁଥିଲେ ମଣିମୁକ୍ତା ମାଳ ମୋ ଭାଇରେ ।
ସେ ଦେଶ ଅଧଲଙ୍ଗଳା -
ବୁଢ଼ାକୁ ପୂଜୁଛି, ଦୁନିଆସାରାରେ
ସେତ ଆମ ଆଖି ଖୋଲିଦେଲା ମୋ ଭାଇରେ ।
ଆମେ ସେ ଦେଶର ଛୁଆ
ଗଢ଼ିବା ଏଦେଶ କରିବା ନୂଆରେ
ଦେଖି ଦୁନିଆ ହେବ ଛାନିଆଁ ମୋ ଭାଇରେ ।

ଚ୦ଚ

# ସଫାଇଗୀତ - ଝାଡୁ

## (ଥକାମନ ଚଲଯିବା - ବୃତ୍ତେ)

ଝାଡୁ ମୋର କି ସୁନ୍ଦର
କରଇ ଅସନା ଦୂର (ଘୋଷା)

ଝାଡୁବିନା ଘର ଦ୍ୱାର ଦିଶେ କେଡ଼େ ନାରଖାର ।
ଦେହଟି ସିନା ଛୋଟିଆ ତା' ମନ ବଡ଼ ବଢ଼ିଆ
ଓଳାଇ ସବୁ ଅଳିଆ କରେ କେଡ଼େ ନିଚିପର ।
ରାତି ନ ପାହୁ ଭାଉଜ ଝାଡୁ ଧରି ହୁଏ ସଜ
ପକାଇ ଗୋବର ପାଣି କାମ କରେ ତରବର ।
ଅଳିଆ ଅସନା ଝାଡ଼ି ମଶାମାଛି ଦିଏ ତଡ଼ି
ରୋଗ ଯିବ ତେବେ ଛାଡ଼ି ନହେବଟି ହରବର ।
ଆମ ପୁରୀ ଗଜପତି ଠାକୁର ରାଜା ବୋଲାନ୍ତି
ବଡ଼ଦାଣ୍ଡ ଖରକନ୍ତି ରଥଯାତେ ସ୍ୱହସ୍ତର ।
ଅଳିଆ କରି ଏକାଠି ଖାତେ ତାକୁ କର ମାଟି
ବରଷକ ପରେ ଭାଇ ହେବ ତାହା ଭଲ ସାର ।
ରଖି ଦେହମନ ସଫା କଳିଗୋଳ କର ରଫା
କାମ କର ନୋହି ଖପା ପାଇବ ସୁଖ ଅପାର ।

ଛଠଛ

# ସଫା ଗାଁ

ଏ ଗାଆଁଟି କେଡ଼େ ନିରିମଳ
ଏ ଘର ଦୁଆର ଦିଶେ କି ସୁନ୍ଦର
ଶୋଭାରେ ସେ ସଦା ଢଳ ଢଳ ।
ବାଡ଼ି ଦାଣ୍ଡ ସଫା ନାହିଁତ ଅଳିଆ
ଦୁଇ ଓଳି ଏହା ହେଉଛି ଓଳିଆ
ଯାବତ ମଇଳା ଖାତେ ପୋତାଯାଏ
ତେଣୁ ଘରିଆଡ଼ କି ନିର୍ମଳ ।
ପଚ ସଢ଼ା ଖାତ ନାହିଁ ମଶା ବାସ
ତେବେ କିମ୍ପା ହେବ ଆମ ଆୟୁ ନାଶ
ଖାତସବୁ ପୋତି ସୁନ୍ଦର ଫସଲ
କରିଛନ୍ତି ଦିଶେ କି ଉଉଲ ।
ଏ ଗାଆଁ ପୋଖରୀ ଦିଶେ କି ସରସ
ନାହିଁ ଦଳ ଘାସ ଖେଳୁଛନ୍ତି ହଂସ
କେହି କେବେ ପାଣି କରେନା ମଇଳା
ଏ ପାଣି ଦେଉଛି ଦେହେ ବଳ ।
ଏ ଗାଆଁରେ ରୋଗ ପଶିବାକୁ ଡରେ
ରହିଛନ୍ତି ଲୋକ ବଡ଼ ଆରାମରେ
ସବୁ ଗାଆଁ ଯଦି ଏପରି ହୁଅନ୍ତା
ସୁଖରେ ଯାଆନ୍ତା ଦିନ କାଳ ।

ଌ୦ଌ

# ଗୋଲାମି କରିବି ନାହିଁ

## (ମୁଁ ଯଦି ସୂତା କାଟେ ଦୁଃଖ ମୋର ହେବ ଦୂର)

ଚାକିରି କରିବି ନାହିଁ
ଗୋଲାମି ନୁହଇ ଭଲ,
ହାକିମ ହୁକୁମ ଶୁଣି
ଭୟେ ଥରିବ ଅନ୍ତର ।
ଜମି ମୋର ଅଛି ଯାହା
ନିଜେ ମୁଁ ଚଷିବି ତାହା
ଭାଗ ଲଗାଇଲେ ନିଷ୍ଟେ ହେବି ବଡ଼ ହରବର ।
ପେଡ଼ିବି ସୋରିଷ ରାଶି
କରଞ୍ଜ ପୋଲାଙ୍ଗ ଫେଷି
ନମିଳିଲେ ନାହିଁ ଚିନ୍ତା ଚିନି କିରୋସିନି ତେଲ ।
ରଖିବି ଗାଈ ବଳଦ
ହେବେ ସେ ମୋର ସମ୍ପଦ
ଘିଅ ଦୁଧ ଦହି ଖାଇ ସୁଖରେ କାଟିବି କାଳ ।
ମୋଟା ପିନ୍ଧି ମୋଟା ଖାଇ
ଶକତି ବଢ଼ାଅ ଭାଇ
ମାଟି ମାଆକୁ ଚିହ୍ନିଲେ ଦୁଃଖ ଶୋକ ହେବ ଦୂର ।

ଛ୦ଛ

# ସାଇ ପଡ଼ିଶା

ଚଷାଭାଇ –

ମୁଣ୍ଡେ ମାରି ତୁଣ୍ଡ ଝାଳ ମୋର ଚଷାଭାଇ
ଖରା ବରଷା ଶୀତରେ କେତେ କଷ୍ଟ ପାଇ,
କରେ ଧାନ, ବିରି, ମୁଗ, କୋଳଥ, ମାଣ୍ଡିଆ
ହାଡ଼ ଭାଙ୍ଗି ପୋଷୁଛି ସେ ଏ ସାରା ଦୁନିଆ ।
ସୁଖୀ ସିନା ଆମ ଦେଶ ଏହି ଚଷା ଲାଗି
ଋଷ କାମ କି ମହତ ପାରୁଛ କି ଭାବି ?
ଜାତି ମେରୁଦଣ୍ଡ ଋଷୀ ଜାତିର ପାଳକ
ମାଟି ଚିରି ପୋଷେ ଦେଶ ପୋଷିବ କାଳକ ।

ବଢ଼େଇ ଭାଇ –

ବଢ଼େଇ ଭାଇ ଆମର ବଡ଼ ଉପକାରୀ
ଦେଖିଥିବ ନିଶ୍ଚେ ସର୍ବେ କାମତ ତାହାରି ।
ଯୁଆଳି ଲଙ୍ଗଳ ଗଢ଼େ ଡଙ୍ଗା ଅତିବଡ଼
କାହା ପାଇଁ ଗଢ଼େ ମଇ କା' ପାଇଁ ଶଗଡ଼ ।
ତୋଳିଦିଏ ଆମ ଘର କରି କି ତଉଲ
ଘର ନାହିଁ ଯା'ର ସେତ କେଡ଼େ କଲବଲ ।
ଖଟ ଆଲମାରି ଚୌକି ଗଢ଼େ ଆମ ପାଇଁ
ବଡ଼ ଉପକାରୀ ଅଟେ ମୋ ବଢ଼େଇ ଭାଇ ।

କମାର ଭାଇ –

ଗାଆଁ ମୁଣ୍ଡେ କରି ଶାଳ ମୋ କମାର ଭାଇ
କରେ ଟହ ଟହ ନାଲି ଲୁହାକୁ ତତାଇ ।
ଚଞ୍ଚଳ ଚଞ୍ଚଳ ତାକୁ ହାତୁଡ଼ିରେ ପିଟି
ପନିକି କୋରଣା ଛୁରୀ ଗଢ଼େ ଗୋଟି ଗୋଟି ।
ଚଷା ଭାଇକୁ ଯୋଗାଏ କାଙ୍କ ଦାଆ କୋଡ଼ି



Indian Institute of Advanced Study
Acc. No. 148276
Date ..........

ଯାବତ ଲୁହା ଜିନିଷ ପାରଇ ସେ ଗଢ଼ି ।
ବହେ ଗମ ଗମ ଝାଳ ସହେ ନିଆଁ ଝାସ
ସବୁ ଦିନେ କାମ କରି ନ ପାଏ ପରାସ ।

ତେଲି ଭାଇ –

ଦାଣ୍ଡରେ ବୁଲାଏ ଘଣା ମୋର ତେଲି ଭାଇ
କେ ନ ଆସେ ତାହା ପାଶେ ଘଣା ତେଲ ପାଇଁ ।
ସୋରିଷ, ନଡ଼ିଆ, ରାଶି, ଫେଷି, ଭୂଇଁଚଣା
ପୋଲାଙ୍ଗ, କରଞ୍ଜ ପେଡ଼େ ନିତି ଘଣା ଘଣା ।
କେ ନିଏ ପିଡ଼ିଆ କେହି ନିଏ ଖାଣ୍ଟିତେଲ
ଘଣାତେଲ ପରି ଭଲ ନୁହେଁ କଳତେଲ ।
କେଏଁ କେଏଁ ଶବଦଟି ହେଉଥାଇ କେଡ଼େ
ବଳଦ ଅଡ଼ାଇ ତେଲି ଯେବେ ତେଲ ପେଡ଼େ ।

ତନ୍ତୀ ଭାଇ –

ତନ୍ତୀ ଭାଇ ବୁଣିଦିଏ ଗାମୁଛା, ଚାଦର
ହାତବୁଣା କନ୍ତା ଲୁଗା କେଡ଼େ ତା ଆଦର ?
କଳଲୁଗା ପିନ୍ଧି ଚିରୁଁ ଆମେ ଚାରି ମାସେ
ତନ୍ତୀ ଭାଇ ଲୁଗା ନିଶ୍ଚେ ଯାଏଟି ବରଷେ ।
ଆମ ଦେଶ ହାତବୁଣା ସରୁଲୁଗାମାନ
ପାଇଥିଲା ବହୁଦୂର ଦେଶରେ ସମ୍ମାନ ।
କଳ ହେଉଅଛି କାଳ ମୋ ତନ୍ତୀ ଭାଇର
ଆମେ ସବୁ ତା ଜିନିସେ କରିବା ଆଦର ।
କମାର, କୁମ୍ଭାର, ଚଷା, ବଢ଼େଇ ଭାଇଏ
ଆମ ପାଇଁ କାମ କରୁଅଛନ୍ତି ସଭିଏଁ ।
ସମସ୍ତଙ୍କୁ ଆମେ ତେଣୁ କରିବା ସମ୍ମାନ
ତାଙ୍କ ଯୋଗୁଁ ରହିଅଛି ଆମ ଦେଶ ମାନ ।

ଛଠଛ

# ପ୍ରକୃତି ସ୍ନେହ

## (ଗୋପୀଭାଷା)

ଗାଈ

ସବୁ ଜୀବଠାରୁ ଉତ୍ତମ ଗାଈ
ତା'ର ସେବାକୁ ନ ଭୁଲିବା ଭାଇ ।
ତା'ର କ୍ଷୀର ଖାଇ କହିଲୁଁ କଥା
ତେଣୁ ସଂସାରେ ବୋଲାଏ ଗୋମାତା ।
କ୍ଷୀରୁ ହୁଏ ଦହି, ଘିଅ, ଲହୁଣୀ
ସାରଖାଦ୍ୟ ଯାହା ଜଗତେ ପୁଣି ।
ବଡ଼ ଉପକାରୀ ଗାଈ-ଗୋବର
ଲିପାପୋଛା କାମେ ତା'ର ଆଦର ।
ଶୁଖିଗଲେ ଏହା ହୁଏ ସମ୍ପତ୍ତି
ଜାଳରୂପରେ ଘୁଞ୍ଚାଏ ବିପତ୍ତି ।
ବିଲେ ପଡ଼ିଲେ ଗାଈର ଗୋବର
ମାଟି କରଇ ଅତ୍ୟନ୍ତ ଉର୍ବର ।
ଆମେ ଗାଈ ସେବା ନିତି କରିବା
ଦୁଃଖ ଅଭାବ କିଛି ନ ଜାଣିବା ।

# ରାତିର ରାଜା

ଆସ ଜହ୍ନମାମୁଁ ଆସ ସରଗରଜା
ସବୁ ପିଲା ମିଳି ଆଜି କରିବୁ ପୂଜା
ସରଗ ରାଇଜେ ନିତି ବୁଲୁଛ ତୁମେ
ସେ ଦେଶର କଥା ସବୁ ଶୁଣିବୁ ଆମେ ।୧।

ଦିନଯାକ ଲୁଚିଥାଅ କାହାର ଡରେ
ରାତି ହେଲେ ଦିଅ ଦେଖା ଆମ ଆଗରେ
ତୁମ କଅଁଳ ମୁହଁଟି ଅମୃତବୋଳା
ଋହିଁ ହୃଦୟ ହୁଅଇ ସେନେହେ ଭୋଳା ।୨।

ତୁମେ ଆସିବାର ଜାଣି ତାରକାଦଳ
ସରାଗରେ ଜାଳିଲେଣି କୋଟି ମଶାଲ
ଆମ ପାଖେ ଆସିବ କି ଆସିବ ନାହିଁ
ଯେବେ ନ ଆସିବ ଋହିଁ ହସ କିପାଇଁ ।୩।

ଥରେ ଆସ ହେ ସରଗୁଁ ସରଗଦିଅଁ
ଆମ ଶିଶୁ ଅନ୍ତରର ସେନେହ ନିଅ
ଚୁଆଚନ୍ଦନ କସ୍ତୁରୀ ଶ୍ରୀଅଙ୍ଗେ ବୋଳି
ପାଶେ ରହି ଝୁଲାଇବୁ ଝୁଲଣ ଦୋଳି ।୪।

# କୋଇଲି

ଉଡ଼ି ଉଡ଼ି ନ ଯା କୋଇଲି ଆ ଆ ପାଖକୁ ଥରେ
ଖେଳି ବୁଲି ସାରି ରହିବୁ ନିତି ମୋହ ସାଙ୍ଗରେ ।
ହସି ହସି ଗୀତ ଗାଆରେ ତୁହି ପଞ୍ଚମ ତାନେ
ଶୁଣି ତୋର ଗୀତ ଆନନ୍ଦ ପୂରି ଉଠେ ମୋ ମନେ ।
ଗହଳ ପତର ଉଢ଼ାଳେ କିଆଁ ଲୁଚିଛୁ ଏକା
ତୋ ପରି ସାଙ୍ଗ ମୁଁ ପାଇଲେ ମୋର ଯିବଟି ଦକା ।
ତୋର କୁହୁରବ ଭୁଲାଇ ଦିଏ ଦୁଃଖ ମୋହର
ମୋ ପାଖେ ରହିଲେ ପାଇବି ସିନା ସୁଖ ଅପାର ।
ଚିକ୍କଣ କାଳିଆ ରୂପ ତୋ କହ କିଏ ଗଢ଼ିଲା
କେଉଁ ଗୁରୁ ତୋତେ ସୁନ୍ଦର ଗୀତ ଶିଖାଇଦେଲା ।

ମୋତେ ସାଙ୍ଗ କର ତୋ ସାଥେ ମିଶି ଗାଇବି ଗୀତ
ନାଚି ନାଚି କେତେ ଖେଳିବି ଖୁସି ହେବ ମୋ ଚିତ୍ତ ।

ଌ୦ଌ

# ବାରମାସୀ ଗୀତ

## (ରାଗ-କାଳୀ)

ଗ୍ରୀଷ୍ମ (ବୈଶାଖ-ଜ୍ୟେଷ୍ଠ)

ଋତୁ ଗ୍ରୀଷମ, ବଡ଼ ବିଷମ, ଶୁଖାଏ ନଈ ନାଳ
ଜୀବ ସକଳ, ଅତି ବିକଳ, ବହଇ ଦେହୁଁ ଝାଳ ।
ପଣସ, ତାଳ, ଆମ୍ବ, ମହୁଲ, ବେତ, ଖଜୁରି କୋଳି
ଫୁଟି କାକୁଡ଼ି, ବିଲରେ ମାଡ଼ି, ମିଳେ ଭଳିକି ଭଳି ।
ଶୁଖାଇ ଜଳ, ବଉଦମାଳ, ଘୋଟଇ ଆକାଶରେ
ଥଣ୍ଡା ପବନ, ପାଣି ଚନ୍ଦନ, ଦେହର କଷ୍ଟ ହରେ ।

ବର୍ଷା (ଆଷାଢ଼-ଶ୍ରାବଣ)

ଗ୍ରୀଷମ ଦାଉ ଯାଉ ନଯାଉ ଆସେ ବରଷା ମାଡ଼ି
ଜଳ ବରଷେ ବିଜୁଳି ହସେ ଗରଜେ ଘଡ଼ଘଡ଼ି ।
ଗଛଲଟାରେ କେତେ ଛଟାରେ ଫୁଟଇ କେତେ ଫୁଲ
ନାଲି, ଧଳା, ହଳଦି, କଳା ନାହିଁ ତାହାର ମୂଲ ।
ବରଷାକାଳ ବରଷି ଜଳ ବଞ୍ଚାଏ କୃଷି ପ୍ରାଣ
ବରଷ ସାରା ଅଚିନ୍ତା ପରା କରାଏ ଜନ ମନ ।

ଶରତ (ଭାଦ୍ର-ଆଶ୍ୱିନ)

ଆସେ ଶରତ ଋତୁ ମହତ ସରଗେ ଚନ୍ଦ ତୋରା
ପୋଖରୀ ଜଳ କେଡ଼େ ନିର୍ମଳ କଇଁ ଫୁଲରେ ଭରା ।

ନୀଳ ଆକାଶେ ବଉଦ ଭାସେ ନଈରେ ନାଆ ପରି
ତଣ୍ଡି ଫୁଲଟି ପଠାରେ ଫୁଟି ହସଇ କିରି କିରି ।
ବାଳକଗଣ ହରଷ ମନ କୁଆଁର ପୁନେଇରେ
ଜହ୍ନି ଫୁଲର ବଡ଼ ଆଦର ହୁଅଇ ଘରେ ଘରେ ।

ହେମନ୍ତ (କାର୍ତ୍ତିକ-ମାର୍ଗଶିର)

ଆସି ହେମନ୍ତ ପଇଏ କ୍ଷେତ ହରଷ ଋଷୀ ମନ
ଥଣ୍ଡା ଆସିଲା ରାତି ବଢ଼ିଲା ଛୋଟିଆ ହେଲା ଦିନ ।
କାକର ପଡ଼ି କମଳ କଢ଼ି ହରାଏ ତା'ର ଶିରୀ
ଗେଣ୍ଡୁ କୁସୁମ କି ମନୋରମ ହସଇ କିରିକିରି ।
ପାହାନ୍ତି ରାତି ଶୀତଳ ଅତି ଲାଗଇ ବେଳେ ବେଳେ
କାକର ଟୋପା, ଦିଅଇ ଦେଖା, ପତର ଘାସ ଚୂଳେ ।

ଶୀତ (ପୌଷ-ମାଘ)

ଆସିଲେ ଶୀତ ହୁଅନ୍ତି ଭୀତ ସକଳ ନରନାରୀ
ଖରା ଆଦର ହୁଏ ପ୍ରଚୁର ଜଳକୁ ଡର ଭାରି ।
ଗରିବେ ଦୁଃଖ ଧନୀଙ୍କୁ ସୁଖ ଦିଅଇ ଏହି କାଳ
କେହି ଶୀତରେ କାତରେ ଥରେ ଦେହେ ପକାଇ ପାଲ ।
ଧାନ ଅମଳ, ଆଖୁର ଶାଳ, କରନ୍ତି ଗ୍ରାମବାସୀ
ଦୋରୁଅ ପିଇ ଗାଆଁ ବାଳକେ ହୁଅନ୍ତି ବଡ଼ ଖୁସି ।

ବସନ୍ତ (ଫାଲ୍‌ଗୁନ-ଚୈତ୍ର)

ଦେଖି ବସନ୍ତ ହରଷେ ରତ ହୁଅନ୍ତି ପ୍ରାଣୀଗଣ
ସୁଲୁସୁଲିଆ ଦକ୍ଷିଣା ବାଆ ଖୁସି କରଇ ମନ ।
ଗଛଲଟାର ଅଙ୍ଗ ସୁନ୍ଦର କଅଁଳେ ନୂଆ ପତ୍ର
ଫୁଟଇ ଫୁଲ ଭ୍ରମରଦଳ ବୁଲନ୍ତି ଗାଇ ଗୀତ ।
ସମୟ ଜାଣି କୋଇଲି ରାଣୀ ଶୁଣାଏ କଣ୍ଠସ୍ୱର
ଏ କାଳ ଶୋଭା ନୟନ ଲୋଭା ସବୁ ଋତୁରେ ସାର ।

# ସଦଭ୍ୟାସ

## (ଭାଗବତ-ବୃତ୍ତେ)

| | |
|---|---|
| ସକାଳୁ ଉଠିବି ସଅଳ, | ମନ ରହିବ ନିରିମଳ । |
| ନିଜର ପିନ୍ଧା ଲୁଗାପଟା, | କେବେହେଁ ନ କରିବି ଘଟା । |
| ବହି ପତର ଅଛି ଯାହା, | ସଜାଇ ରଖିବି ମୁଁ ତାହା । |
| ପାଠ ପଢ଼ିବି ପଢ଼ାବେଳେ, | ଖେଳିବି ଖେଳ ବେଳ ହେଲେ । |
| କାହାକୁ କଟୁ କଥା କହି, | ମନରେ କଷ୍ଟ ଦେବି ନାହିଁ । |
| ଗୁରୁଜନଙ୍କ କଥା ମାନି, | ଚଳିବି ତାଙ୍କ ମନ ଜାଣି । |
| ଦେଖିଲେ ଦୁଃଖୀରୋଗୀ ଲୋକ, | ସେବାରେ ଘୁଞ୍ଚାଇବି ଶୋକ । |
| ଦରିଦ୍ର କେହି ମାଗିବାର, | ଦେଖିଲେ ନ କରି ଉତ୍ତର । |
| ଘରେ ଯା'ଥିବ ଆଣି ଦେବି, | ନଥିଲେ ବିନୟେ କହିବି । |
| ନିଜର ନୁହେ ଯେ ଦରବ, | ତହିଁରେ ନ କରିବି ଲୋଭ । |
| ଅନ୍ୟର ଦରବ ପାଇଲେ, | ଆନନ୍ଦେ ଯାଚିଦେବି ଭଲେ । |
| ଘରେ ଆମର ଥିବ ଯାହା, | ହରସେ ଭୁଞ୍ଜିବିଟି ତାହା । |
| ଖାଇବା ଦରବ ଯା' କିଛି, | ରଖିବି ନ ବସାଇ ମାଛି । |
| ନଖ ବଢ଼ାଇ ନ ରଖିବି, | ଚଞ୍ଚଳ କାଟି ଦେଉଥିବି । |
| ପଢ଼ା ଶେଷରେ ସାଥିମେଳେ, | ବୋଲିବି ସ୍ତବ ଭାବଭୋଳେ । |

ଧ୦ଧ

# ଅଗଷ୍ଟ ପନ୍ଦର

## (ଝୋଷି-ବୃତ୍ତେ)

ଆସ ଅଗଷ୍ଟ ପନ୍ଦର ଭାରତ ମୁକ୍ତି ବାସର
ଶୁଭ ତିଥି ଘେନି ଆମ ପୁଷ୍ପ ଅଞ୍ଜଳି
ଗୋଦାବରୀ, ସରସ୍ୱତୀ ପୂଣ୍ୟତୋୟା ଭାଗୀରଥୀ
ନାଚୁଛନ୍ତି ଆନନ୍ଦରେ ଲହରୀ ତୋଳି ।
ଅର୍ଘ୍ୟ ଦିଏ ମହାସାଗର
ବଜାଏ ବିଜୟ ଶଙ୍ଖ ସ୍ୱଚ୍ଛ ନିର୍ଝର ।୧।
ବିଦେଶୀର ନାଗଫାଶ ବନ୍ଧନେ ପାଇ ପରାସ
ବ୍ୟଥିତ ପ୍ରାଣେ ଭାରତ ମାଆ କାତର
ଡାକେ ଆସ ଯୋଗ୍ୟସୁତ ଏ ଶୃଙ୍ଖଳୁ କର ମୁକ୍ତ
ମୋ ପୂର୍ବ ଗୌରବ ଧ୍ୱଜା ଉଡ଼ା ସତ୍ୱର ।
ଏ ଆହ୍ୱାନ ମୋହନ ଶୁଣି
ଭାରତ ଛାଡ଼ ବିଦେଶୀ ବୋଇଲେ ବାଣୀ ।୨।
ଶୁଣି ସେ ମନ୍ଦ୍ର ନିସ୍ୱନ ଥରିଲା ବିଦେଶୀ ପ୍ରାଣ
ଆମ ହାତେ ଦେଇ ଆମ ଦେଶ ଶାସନ
ଊଣାଇଶ ସତ୍‌ଚଳିଶ ପନ୍ଦର ଅଗଷ୍ଟ ମାସ
ଦିବସରେ ନିଜ ଦେଶେ କଲେ ଗମନ ।
ସ୍ମୃତିପଥେ ପଡ଼ି ସେ କଥା
ଜାତିର ଜନକ ପଦେ ନମୁଛି ମଥା ।୩।
ସ୍ୱାଧୀନତା ଏ ସମରେ ଆନନ୍ଦେ ମୃତ୍ୟୁ ବରିଲେ
ସେ ଶହୀଦ-ସ୍ମୃତି ମନେ ଦିଅଇ ବ୍ୟଥା

ପ୍ରିୟ ବନ୍ଧୁଙ୍କୁ ହରାଇ ମୁକ୍ତି ଆମେ ପାଇଥାଇଁ
ବାଷ୍ପାକୁଳ କଣ୍ଠହୁଏ ସ୍ମରି ସେ କଥା ।
ଜାତି ପ୍ରୀତି ପାଇଁ ଜୀବନ
ଦେଇଛି ଯେ ଦିଅ ପ୍ରଭୂ ଶ୍ରୀପଦେ ସ୍ଥାନ ।୪।

ଛ୦ଛ

# ଇନ୍ଦ୍ରିୟାନୁଭୂତି

## ଷଡ଼ରସ

ଆଖୁରସ, ରସଗୋଲା ଗୁଡ଼ ଚିନି ମିଠା
କେଡ଼େ ମିଠା ଲାଗେ ଭାଇ ପଣସ ଚକଟା ।
କଞ୍ଚାଆମ୍ବ, ଲେମ୍ବୁ ପୁଣି ତେନ୍ତୁଳି, ଆମ୍ବୁଲ
ଖଟା ଓଉ କାଞ୍ଜି ପୁଣି ଖଟା ଦହି ଘୋଳ ।
କଲରା, ନିମ୍ବପତର ଲାଗେ କେଡ଼େ ପିତା
ପିତା ତ କୁଇନାଇନ୍ ପୁଣି ଚିରେଇତା ।
ହରିଡ଼ା, ବାହାଡ଼ା କଷା ଭୂଇଁ ବରକୋଳି
କଷା ଲାଗଇ ଅଁଳା ଫଳ ନରକୋଳି ।
ଲଙ୍କା ଅଦା ରାଗ ଲାଗେ ରାଗତ ମରିଚ
ବଚ କେଡ଼େ ରାଗ ଲାଗେ ସମସ୍ତେ ଚଖିଛ ।
ଲୁଣ ଯେ ଲୁଣିଆ ଆଉ ସମୁଦ୍ରର ପାଣି
ତୁଣ୍ଡେ ଦେଇ ହୁଏ ନାହିଁ ବାନ୍ତି ଆଣେ ଟାଣି ।

ଛ୦ଛ

# ରଙ୍ଗ

ତରାଟ ଯୁଇ ଟଗର ମଲ୍ଲୀ ପୂନେଇ ଚନ୍ଦ ଧଳା
ବଗ ବଗୁଲୀ ଟଙ୍କା କଉଡ଼ି ଧଳା ଦିଶଇ ତୂଳା ।
କୁଆ କୋଇଲି କଜଳପାତି ମୁଣ୍ଡର ବାଳ କଳା
କପା ଭିତର କାଳିଆ ମଞ୍ଜି କଳା ଆଖିର ଡୋଳା ।
ନାଲିଆ ଦିଶେ ମନ୍ଦାର ଫୁଲ ନାଲି ସିନ୍ଦୁର ଗାର
ଅଳତାଗାର ନାଲିଆ ଅତି ଯେହ୍ନେ ରକତଧାର ।
ସାଗର କୋଳ ଦୂରପାହାଡ଼ ଅପରାଜିତା ନୀଳ
ପୋଖରୀ ଜଳେ ନୀଳ କଇଁଟି ହୁଅଇ ଢଳ ଢଳ ।
ହଳଦି ରଙ୍ଗ ସୋରିଷ ଫୁଲ ହଳଦି କନିଅର
ହଳଦି ରଙ୍ଗ ଇଟା ସୁନାଟି ହଳଦି ଜହ୍ନିଫୁଲ ।
ଶୁଆପକ୍ଷୀର ସବୁଜ ରଙ୍ଗ ଦିଶଇ କେଡ଼େ ଦ୍ୱରା
ଶାଗୁଆରଙ୍ଗ ଘାସପତରେ ଧରା ହୋଇଛି ଭରା ।

# ଭଲ ପିଲା
## (କଳା କଳେବର କହ୍ନାଇ)

ଉଠିବି ସକାଳୁ ସଅଳ ଦାନ୍ତ ଘଷିବି ଆଗ
ନିଜ କାମ ନିଜେ କରିବି ମନେ ନବହି ରାଗ ।
ଝାଡୁ ଧରି ଘର ଦୁଆର ଦେବି ଓଳାଇ ଯେବେ
ଭଲ ପିଲା ବୋଲି ସମସ୍ତେ ମୋତେ କହିବେ ତେବେ ।
ଦେହ ହାତ ନାକ ରଖିବି ସଫା ବହି ପତର
କଟୁକଥା କିମ୍ୱା କହିବି ଯାହା ପୋଡ଼େ ଅନ୍ତର ।

ପଢ଼ା ପଢ଼ି ସଦା କରିବି କେବେ ନ କରି ଗୋଳ
ବାପା ବୋଉ କଥା ମାନିଲେ ମୋତେ କହିବେ ଭଲ ।
ସବୁ ଭଲ କଥା ଶିଖିବି, ଦେଖି ଦୁଃଖୀ ଭିକାରୀ
ମନ ଜାଣି ସେବା କରିବି, କାମେ ନ ଯିବି ଡରି ।
ସାଙ୍ଗ ସାଥି ସଙ୍ଗେ କେବେହେଁ କଳି କରିବି ନାହିଁ
ଭଲ ପିଲା ବୋଲି ସମସ୍ତେ ତେବେ କହିବେ ଯାଇ ।

ଃ୦ଃ

# ଅସ୍ପୃଶ୍ୟତା ନିବାରଣ

## (ଦିନେ ଦିନେ ଚତୁରୀ)

ଦେଖ ଭାରତବାସୀ          କାଳ ଯାଉଛି ଭାସି
ଛୁଆଁ ଅଛୁଆଁ କଥାଟି ହେଲାଣି ବାସି ।
ସବୁ ମଣିଷଜାତି          ଏକା ପରି ଦିଶନ୍ତି
ଜଣେ ଭଲ ଆଉ ଜଣେ ଛୁଆଁ କିମିତି ।
ଏକା ପରି ରକତ          ସବୁ ଦେହେ ବହେତ
ଛୋଟ ବଡ଼ ବିଚାରିବା ବଡ଼ ବିଚିତ୍ର ।
କୁକୁରକୁ ଛୁଇଁଲେ          ଛୁଆଁ ନୋହୁଛ ତିଳେ
ମଣିଷ କି କୁକୁରଠୁ ଆହୁରି ତଳେ ।
ଏକା ଦେଶରେ ଘର          ଏକ ମାଆ ଆମର
ସବୁ ଆମେ ଭାଇ ଭାଇ ନୋହୁତ ପର ।
ହିନ୍ଦୁ ମୁସଲମାନ          ବଉଦ୍ଧ ଖ୍ରୀଷ୍ଟିଆନ
ଏ ଜାତି ପତାକା ତଳେ ସର୍ବେ ସମାନ ।
ଭୁଲି ଭେଦ ବିଚାର          ମିଳି କରିବା ଘର
ଅଛୁଆଁ ଭାବକୁ ଦେଶୁଁ କରିବା ଦୂର ।

ଃ୦ଃ

# ଗଜାନନ ସ୍ତବ

ନମୋ ଗଣେଶ୍ୱର ନମୋ ବିଘ୍ନେଶ୍ୱର
ବନ୍ଦୁଛୁ ଶ୍ରୀପଦ ଛାତ୍ରଛାତ୍ରୀଗଣ ।
ଏ ବିଦ୍ୟା ମନ୍ଦିରେ ପୂତ ଏ ପୀଠରେ

ଏ ଶୁଭ ବାସରେ କର ଆଗମନ ।
ତୁମ୍ଭଙ୍କୁ ସ୍ୱାଗତ ଜଣାଇବା ପାଇଁ
ଚମକେ ଚପଳା ନୀଳଘନେ ରହି
ଘଡ଼ଘଡ଼ି ବାଣେ ବାରିଦ ବନ୍ଦଇ
ଜୟ ଜୟ ନାଦେ ଉଚ୍ଛୁଳେ ଗଗନ ।

ନୀଳ କଇଁ ନୀଳ ଜଳେ ଭାସି ଭାସି
ତବ ଯଶଗୁଣ ଗାଏ ହସି ହସି
ମାଳତୀ ଟଗର ଚମ୍ପକର ହାର
ଅର୍ପୁଛୁ ଶ୍ରୀକରେ ଘେନ ଗଜାନନ ।

ନାହିଁ ତବ ପୂଜା ଯୋଗ୍ୟ ଉପଚାର
ଶିଶୁ ସରଳତା ସରଳ ଅନ୍ତର
ଅରପୁଁଛୁ ପଦେ ଘେନା ହେଉ
ମୋଦେ ବରଷ ଆଶିଷ
ବିଘ୍ନ ବିନାଶନ ।

ଛଠଛ

# ଆମ ଓଡ଼ିଶା

## (ବନସ୍ତେ ଡାକିଲା ଗଜ ବରଷକର ଏ ସଜମଉଜ)

ଓଡ଼ିଶା ଆମର ଘର
ବଡ଼ଦାଣ୍ଡେ ବିଜେ ବଡ଼ ଠାକୁର
ଅନଙ୍ଗଭୀମ
(ସେଯେ) ତୋଳାଇଲେ ଶ୍ରୀମନ୍ଦିର ।

ଲଲାଟଇନ୍ଦୁ କେଶରୀ
ଗଢ଼ିଲେ ଦେଉଳ ଯତନ କରି
ଏକାମ୍ରବନେ
(ଦେଖି) ବିଦେଶୀ ମରନ୍ତି ଝୁରି ।

ଆଜ୍ଞା ପାଇ ଗଜପତି
ସାଗର କୂଳରେ ରଖିଲେ କୀର୍ତ୍ତି
ବାରଶ ଶିଳ୍ପୀ
(ସେଯେ) ବାରବର୍ଷ କାଳ ମାତି ।

ଧନ୍ୟ ନରସିଂହ ରାଜା
ତୁମ୍ଭ କୀର୍ତ୍ତି ନାମେ ବାଜୁଛି ବାଜା
ସାରା ଜଗତେ
(ହୁଏ) ଓଡ଼ିଆ କଳାର ପୂଜା ।

ମରକତ ବୀରବର
ରଖିଯାଇଅଛ କୀରତି ଚିର
ପଥରବନ୍ଧ
(ତୁମେ) ବାନ୍ଧି ହୋଇଛ ଅମର ।

ପୂର୍ଣ୍ୟତୀରେ ବୈତରଣୀ
ଦଶ ଅଶ୍ୱମେଧ ଘାଟ ନିର୍ମାଣି
ବୀର ଯଯାତି
(ସେହି) ରଖିଲେ କୀରତି ଖଣି ।
ଗଙ୍ଗାତୀରୁ ଗୋଦାବରୀ
କାହିଁ କେତେ ଅଛି କୀରତି ପୂରି
ମୋ ଦେଶ ଶିରୀ
(ପୁଣି) ଆସିବ କି ସତେ ଫେରି ।

ଧଠଧ

Indian Institute of Advanced Study
Acc. No. 178976
Date 28-10-17
Shimla

Library IIAS, Shimla
OR 780 N 153 M
148976

ମୂଲ୍ୟ: ଟ.୨୦/-